## ସଂକ୍ଷେପରେ

### ୬୩୦ ଜଣଙ୍କୁ ପ୍ରଥମ ଡୋଜ୍

**ଆଠମଲ୍ଲିକ,୬।୬(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକରେ ଟିକକାରଣ ଓ କରୋନା ଟେଷ୍ଟିଂକୁ ଜୋରଦାର କରାଯାଇଛି। ଶନିବାର ମାଧପୁର ଡାକ୍ତରଖାନାରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ୬୩୦ ଜଣଙ୍କୁ ପ୍ରଥମ ଡୋଜ୍ ଟିକା ପ୍ରଦାନ କରାଯାଇଥିବା ବେଳେ ୪୧୦ ଜଣଙ୍କ ସ୍ୱାବ୍ ଟେଷ୍ଟ କରାଯାଇଛି। ମାତ୍ର ୧୦ ଜଣଙ୍କୁ ପଜିଟିଭ୍ ଚିହ୍ନଟ କରାଯାଇଥିବା ବିଡିଓ ସନ୍ତୋଷ ସାହୁ ପ୍ରକାଶ କରିଛନ୍ତି। ସେହିପରି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ଉଦ୍ୟମରେ ଆଠମଲ୍ଲିକ ସିସିସିରେ ବିଭିନ୍ନ ଉପକରଣ ଲଗାଯିବାର ପ୍ରସ୍ତାବ ରହିଛି। ୧୦ ଅକ୍ସିଜେନ ସିଲିଣ୍ଡର,୧୦ ଅକ୍ସିଜେନ କନସେନଟ୍ରେଟର, ଅକ୍ସିଜେନ ପାଇପ୍ ଲାଇନ ସହିତ ଆଇସିୟୁ ଓ ଭେଣ୍ଟିଲେଟର ଆଦି ପାଇଁ ଜିଲା ପ୍ରଶାସନ ପଦକ୍ଷେପ ନେଇଛି। ନୂତନ କୋଭିଡ୍ କେୟାର ସେଣ୍ଟର ପାଇଁ ମଧ ପ୍ରସ୍ତାବ ଦିଆଯାଇଛି।

### ଚୋରା ଡିଜେଲ ଜବତ, ୩ ଗିରଫ

**ତାଳଚେର,୬।୬(ନି.ପ୍ର.):** ତାଳଚେର ଥାନା ଅନ୍ତର୍ଗତ ଲିଙ୍ଗରାଜ କୋଇଲା ଖଣି ମଧରୁ ୪୦୦ ଲିଟର ଡିଜେଲ ଚୋରି ଅଭିଯୋଗରେ ଟାଉନ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଲୋଧଣୀ ଗ୍ରାମର ରଞ୍ଜନ ସାହୁ, ସର୍ବେଶ୍ୱର ବିଶ୍ୱାଳ ଓ ପ୍ରଶାନ୍ତ ବିଶ୍ୱାଳ। ସେମାନଙ୍କ ନିକଟରୁ ପୋଲିସ ଏକ ବୋଲେରୋ ଜବତ କରିଛି। ଅଭିଯୁକ୍ତମାନେ ଖଣିରୁ ଡିଜେଲ ଚୋରି କରିନେଉଥିବା ଖବର ମିଳିବା ପରେ ଥାନା ଅଧିକାରୀ ସତ୍ୟବ୍ରତ ରାଉତ, ଏସଆଇ ମନୋହର ପାତ୍ର ପ୍ରମୁଖ ଚଢ଼ାଉ କରିଥିଲେ।

### ପିକ୍ଅପ୍-ଟ୍ରକ୍ ଧକ୍କା, ଜଣେ ମୃତ

**ପାଲଲହଡା,୬।୬(ଡି.ଏନ.ଏ.):** ୪୯ ନଂ. ଜାତୀୟ ରାଜପଥର ପାଲଲହଡା ଉପଖଣ୍ଡ ମୁକ୍ତାପୁର ଗ୍ରାମ ନିକଟରେ ରବିବାର ଏକ ପିକ୍ଅପ୍ ଓ ଟ୍ରକ୍ ମଧରେ ମହାଁମୁହିଁ ଧକ୍କା ହୋଇଛି। ଏଥିରେ ପିକ୍ଅପ୍ ଗାଡି ଡାଲାରେ ବସିଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସ୍ଥାନୀୟ ଫାର୍ମ ସାହିର ଧୁଳିଆ ମୁଖୀ। ପ୍ରକାଶ ଯେ, ପିକ୍ଅପ୍ଟି କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳରୁ ପାଲଲହଡ଼ା ଅଭିମୁଖେ ଆସୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଧୁଳିଆଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ପାଲଲହାଡ଼ା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଏ ନେଇ ନଂ. ୧୨୭/୨୧ ରେ ଏକ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ଆର୍.କେ. ବିଶାଳ ପ୍ରକାଶ କରିଛନ୍ତି।

### ଦୁର୍ଘଟଣାରେ ଟ୍ରକ୍ ଚାଳକ ଗୁରୁତର

**ବନ୍ତଲା,୬।୬(ଡି.ଏନ.ଏ.):** ୫୫ ନଂ. ଜାତୀୟ ରାଜପଥର ବନ୍ତଲା ଥାନା ବଡ଼କେରା ଛକ ନିକଟରେ ରବିବାର ଏକ ଟ୍ରକ୍ ସହିତ ଟ୍ରେଲରର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଟ୍ରକ୍ ଚାଳକ ଗୁରୁତର ହୋଇଛନ୍ତି। ଖବରପାଇ ବନ୍ତଲା ଆଇଆଇସି ଓ ଅନୁଗୋଳ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଟ୍ରକ୍ ଚାଳକଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଟ୍ରେଲରଟି ଅନୁଗୋଳରୁ ସମ୍ବଲପୁର ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ସହ ଧକ୍କା ହୋଇଥିଲା।

### ୫ ଭେଣ୍ଟିଲେଟର ପ୍ରଦାନ



**ଅନୁଗୋଳ ଅଫିସ, ୬।୬:** ଅନୁଗୋଳ ଜିଲାରେ କରୋନା ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ଜିଲାରେ ଅକ୍ସିଜେନ, ଭେଣ୍ଟିଲେଟରର ବହୁଳ ଆବଶ୍ୟକତା ପଡ଼ିବାର ଆଶଙ୍କା ରହିଛି। ଏଭଳି ସମୟରେ ଅନୁଗୋଳ ଜିଲାର ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି ମୁଖ୍ୟ ସପ୍ନାଶ୍ରୀ ଷଡଙ୍ଗୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସାଇଁଙ୍କୁ ସାକ୍ଷାତକରି ୫ଟି ଭେଣ୍ଟିଲେଟର ଏବଂ ୩ଟି ବାଇପାସ ମେସିନ ପ୍ରଦାନ କରିଛନ୍ତି। ଜିଲାରେ ଥିବା ଚିକିତ୍ସାଳୟ, କୋଭିଡ୍ କେୟାର ସେଣ୍ଟରଗୁଡିକରେଏହା ରୋଗୀଙ୍କ ବ୍ୟବହାରରେ ଲାଗି ପାରିବ। କରୋନା ମୁକାବିଲା ପାଇଁ ଆଗାମୀ ଦିନରେ ମଧ ଅନୁଷ୍ଠାନ ପକ୍ଷରୁ ସହଯୋଗ ଜାରି ରହିବ ବୋଲି ଅନୁଷ୍ଠାନ ମୁଖ୍ୟ ସପ୍ନାଶ୍ରୀ କହିଛନ୍ତି।

# ଅତ୍ୟାବଶ୍ୟକ ସମୟରେ ଅବହେଳା

**ବଇଣ୍ଡା,୬।୬ (ପରିକ୍ଷିତ ସାହୁ)**

- ୫ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗଲେ ୭ ଡାକ୍ତର
- ୪ ମେଡିକାଲକୁ ଆଦୌ ଦେଲେନି
- ଆଠମଲ୍ଲିକ ଉପଖଣ୍ଡରେ ବଢ଼ୁଛି ଅସନ୍ତୋଷ

ଗାଁ ଗାଁରେ ପଶି ସାରିଛି କୋଭିଡ୍ ସଂକ୍ରମଣ। ଗୋଟିଏ ପରେ ଗୋଟିଏ ଅଞ୍ଚଳରେ ବଢ଼ୁଛି କଣ୍ଟେନମେଣ୍ଟ ଜୋନ୍। ମହାମାରୀର ଦ୍ୱିତୀୟ ଲହର ଗ୍ରାମାଞ୍ଚଳରେ ମାଡ଼ି ଚାଲିଥିବାବେଳେ ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ଲୋକେ ଆତଙ୍କିତ। ଏପରି ସମୟରେ ଜରୁରୀ ଚିକିତ୍ସା ସମସ୍ତଙ୍କ ନିକଟରେ ଉପଲବ୍ଧ କରାଯିବା କଥା। ଅଧିକ ସଂଖ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦିଆଯାଇ ଆକ୍ରାନ୍ତମାନଙ୍କ ଜୀବନ ରକ୍ଷା ସହ ସଂକ୍ରମଣକୁ ଶୀଘ୍ର କାବୁ କରାଯିବା ଦିଗରେ ଗୁରୁତ୍ୱ ଦିଆଯିବା କଥା। କିନ୍ତୁ ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ଡାକ୍ତର ନିଯୁକ୍ତି କ୍ଷେତ୍ରରେ ସରକାରଙ୍କ ଅବହେଳା ଚର୍ଚ୍ଚାର ବିଷୟ ହୋଇଛି। ଉପଖଣ୍ଡର ୪୦୦ରୁ ଊର୍ଦ୍ଧ୍ୱ ଗାଁ ଏବେ କୋଭିଡ୍ କବଳରେ ଥିବାରୁ ଦୈନିକ ବହୁ ସଂଖ୍ୟକ ଲୋକ ପଜିଟିଭ୍ ଚିହ୍ନଟ ହେଉଛନ୍ତି। କିନ୍ତୁ କିଶୋରନଗର ଓ ଆଠମଲ୍ଲିକ ବ୍ଲକର ମୋଟ୍ ୯ ଡାକ୍ତରଖାନାରେ ୨୩ ଡାକ୍ତର ପଦବୀ ଖାଲି ପଡ଼ିଛି। ବହୁ ଦାବି ପରେ ସରକାର ନୂଆ କରି ୭ ଜଣ ଡାକ୍ତରଙ୍କୁ ୫ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ଦେଇଛନ୍ତି। ଅନ୍ୟ ୪ଟି ଡାକ୍ତରଖାନାକୁ କୌଣସି ଡାକ୍ତର ଦିଆଯାଇ ନାହିଁ। ତେଣୁ ଅତ୍ୟାବଶ୍ୟକ ସମୟରେ ସ୍ୱାସ୍ଥ୍ୟସେବାରେ ଅବହେଳାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟତୀତ ଏହି ବ୍ଲକରେ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପତାକା, ପାଇକସାହି ଓ ଠାକୁରଗଡ଼ଠାରେ ପ୍ରାଥମିକ ଡାକ୍ତରଖାନା ରହିଛି। କେବଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ୍ ୧୬ ଜଣ ଡାକ୍ତରଙ୍କ ଆବଶ୍ୟକତା ଥିବାବେଳେ ମାତ୍ର ୭ ଜଣ କାର୍ଯ୍ୟ କରୁଥିଲେ। ଗତ ୩ ତାରିଖରେ ରାଜ୍ୟ ସରକାର ଆଉ ଜଣେ ଏମ୍ବିବିଏସ୍ ଡାକ୍ତରଙ୍କୁ ଏଠାରେ ନିଯୁକ୍ତି ଦେଇଛନ୍ତି। ଏବେ ବି ଚକ୍ଷୁ, ଅର୍ଥୋପେଡିକ, ସ୍ନାୟୁ, ଶଲ୍ୟ, ମେଡିସିନ, ସ୍ତ୍ରୀ ଓ ପ୍ରସୂତି ବିଭାଗ ସହ



ଆଠମଲ୍ଲିକସ୍ଥିତ ଉପଖଣ୍ଡ ଚିକିତ୍ସାଳୟ।

୨ଟି ଏମ୍ବିବିଏସ୍ ଡାକ୍ତର ପଦବୀ ଖାଲି ପଡ଼ିଛି। ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୮ ଡାକ୍ତର ପଦବୀ ରହିଛି। ପୂର୍ବରୁ ଏଠାରେ ମାତ୍ର ୨ ଜଣ କାର୍ଯ୍ୟରତ ଥିଲେ। ୬ ଖାଲି ପଦବୀ ପୂରଣ ପରିବର୍ତ୍ତେ ସରକାର ୩ ଜଣ ଡାକ୍ତରଙ୍କୁ ନୂଆ ନିଯୁକ୍ତି ଦେଇଛନ୍ତି। ପତାକା ଓ ପାଇକସାହି ପ୍ରାଥମିକ ଡାକ୍ତରଖାନାରେ ଜଣେ ଲେଖାଏ ନୂଆ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି। ଠାକୁରଗଡ଼ ମେଡିକାଲରେ ୨ ବର୍ଷ ହେବ କୌଣସି ଡାକ୍ତର ନ ଥିଲେ ମଧ ଏଠାକାର ସ୍ୱାସ୍ଥ୍ୟସେବା କଥା ବିଚାରକୁ ନିଆଯାଇ ନାହିଁ କି ନୂଆ ଡାକ୍ତର ନିଯୁକ୍ତ ହୋଇନାହାନ୍ତି। ଫଳରେ ଏହି ମେଡିକାଲ ଉପରେ ନିର୍ଭର କରୁଥିବା ୨୫ ହଜାର ଲୋକ ଚିକିତ୍ସା ସେବା ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ସେହିପରି କିଶୋରନଗର ବ୍ଲକରେ ମୋଟ୍ ୪ଟି ଡାକ୍ତରଖାନା ରହିଛି। କିଶୋରନଗରଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୮ ଜଣ ଡାକ୍ତର ରହିବା କଥା। ହେଲେ ପୂର୍ବରୁ ଜଣେ ଡାକ୍ତର ନିଯୁକ୍ତ ହୋଇଥିବା ବେଳେ ଅନ୍ୟ ଜଣେ ଡେପୁଟେଶନରେ ଆସି କାର୍ଯ୍ୟ କରୁଛନ୍ତି। ବ୍ଲକର ଏହି ମୁଖ୍ୟ ଡାକ୍ତରଖାନାରେ ଏବେ କୌଣସି ଡାକ୍ତରଙ୍କୁ ନୂଆ ନିଯୁକ୍ତି ଦିଆ ନ ଯିବା ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ। ଅଙ୍ଗପଡା ଓ ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ମଧ ଅବହେଳା ଜାରି ରହିଛି। ହଣ୍ଡପା ମେଡିକାଲ ଉପରେ ୨୦ ହଜାର ଲୋକ ନିର୍ଭର କରୁଥିବାବେଳେ ଏଠାରେ ମୃତଦେହ ବ୍ୟବଚ୍ଛେଦ ବ୍ୟବସ୍ଥା ରହିଛି। ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ଡାକ୍ତରଖାନା ଉପରେ ସରକାରଙ୍କ ଶୁଭ ଦୃଷ୍ଟି ପଡ଼ିନାହିଁ। ଅଙ୍ଗପଡା ମେଡିକାଲ ଉପରେ ୫ ପଞ୍ଚାୟତବାସୀ ନିର୍ଭର କରୁଥିଲେ ମଧ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଡାକ୍ତର ପଦବୀ ଖାଲି ପଡିଛି। ତେବେ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମାତ୍ର ଡାକ୍ତରଙ୍କୁ ନୂଆ ନିଯୁକ୍ତି ଦିଆଯିବା ବ୍ଲକ ପାଇଁ ଏକମାତ୍ର ଆଶ୍ୱାସନାର ବିଷୟ ହୋଇଛି। ଉପଖଣ୍ଡର କିଶୋରନଗର ବ୍ଲକ ଅଞ୍ଚଳରୁ ଅଧିକ କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏଠାକାର ୮୦ଟି ଗାଁ କଣ୍ଟେନମେଣ୍ଟ ଚିହ୍ନଟ ହୋଇଥିବାବେଳେ ୨୨୫ ଗାଁରେ ସଂକ୍ରମଣ ପହଞ୍ଚିସାରିଛି। ତଥାପି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ବ୍ଲକ ପ୍ରତି ଅଧିକ ଅବହେଳା ଗ୍ରହଣୀୟ ନୁହେଁ ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି।

#### ନିଷ୍ପତ୍ତି ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ



"ଆଠମଲ୍ଲିକରେ ଦୀର୍ଘ ଦିନ ହେବ ଏସ୍ଡିଏମ୍ଓ ପଦବୀ ସହ ବହୁ ବିଶେଷଜ୍ଞ ପଦବୀ ଖାଲି ପଡିଛି। ବହୁବାର ଅଭିଯୋଗ ପରେ ମଧ ସରକାର ଉପଖଣ୍ଡ ଡାକ୍ତରଖାନାରେ ଥିବା ଖାଲି ପଦବୀ ପୂରଣ କରୁନାହାନ୍ତି। କୋଭିଡ୍ ସମୟରେ ମାତ୍ର ଜଣେ ଡାକ୍ତର ନିଯୁକ୍ତି କରିବା ଆଶ୍ଚର୍ଯ୍ୟଜନକ।

-ରମେଶ ଚନ୍ଦ୍ର ଦାସ, ଆଠମଲ୍ଲିକ

#### ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଉ ନାହିଁ



"ଠାକୁରଗଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ବର୍ଷ ହେବ ଡାକ୍ତର ପଦବୀ ଖାଲି ପଡିଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଲୋକ ପ୍ରତିନିଧି, ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। ହେଲେ କେହି ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଉପଖଣ୍ଡ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଛି।

-ସୁଜିତ ମିଶ୍ର, ରାଣୀବନ୍ଧ

#### ଆନ୍ଦୋଳନ ପାଇଁ ସଜବାଜ



"ହଣ୍ଡପା ମେଡିକାଲକୁ ସବୁବେଳେ ଅବହେଳା କରାଯାଉଛି। ଏଠାରେ ନିଯୁକ୍ତ ହୋଇଥିବା ଡାକ୍ତରଙ୍କୁ ଡେପୁଟେଶନରେ କିଶୋରନଗର ପଠାଇ ଦିଆଯାଇଛି। ନୂତନ ଡାକ୍ତର ନିଯୁକ୍ତି ପାଇଁ ଅଭିଯୋଗ ସତ୍ତ୍ୱେ ସୁଫଳ ମିଳୁନାହିଁ। ଏ ନେଇ ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ସଜବାଜ ହେଉଛନ୍ତି।

-ପ୍ରଦୀପ ବେହେରା, ହଣ୍ଡପା

#### ରାଜନେତାମାନେ ବଦଳି କରିଦେଲେ



"ଅଙ୍ଗପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି କରାଯାଉ ନ ଥିବା ଯୋଗୁ ଅସନ୍ତୋଷ ବୃଦ୍ଧି ପାଉଛି। ଏଠାରେ ନିଯୁକ୍ତ ହୋଇଥିବା ଡାକ୍ତରଙ୍କୁ ରାଜନେତାମାନେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରିଦେଇଛନ୍ତି। ତୁରନ୍ତ ଏଠାରେ ଡାକ୍ତର ନିଯୁକ୍ତି କରାଯିବା ଦିଗରେ ସରକାର ଦୃଷ୍ଟି ଦିଅନ୍ତୁ।

-ସୁବ୍ରତ ସାହୁ, ତୁରୁଡା

#### ସବୁ ଖାଲି ପଦବୀ ପୂରଣ ପାଇଁ ପ୍ରସ୍ତୁତି



"ଉପଖଣ୍ଡର ୯ ମେଡିକାଲରେ ସମସ୍ତ ଡାକ୍ତର ପଦବୀ ପୂରଣ ନିମନ୍ତେ ବହୁବାର ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗପତ୍ର ମାଧମରେ ଜଣାଇଛି। ୭ଜଣ ଡାକ୍ତରଙ୍କୁ ଏଠାରେ ନୂଆ ନିଯୁକ୍ତି ଦିଆଯାଇଛି। ସମସ୍ତ ପଦବୀ କିଭଳି ପୂରଣ ହେବ ସେ ନେଇ ସରକାରୀ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି।

-ରମେଶ ଚନ୍ଦ୍ର ସାଏ, ବିଧାୟକ, ଆଠମଲ୍ଲିକ

#### ଅଧିକ ଡାକ୍ତର ଆସିଲେ ନିଯୁକ୍ତି ଦିଆଯିବ



"ଆଠମଲ୍ଲିକ ଉପଖଣ୍ଡର ବିଭିନ୍ନ ଡାକ୍ତରଖାନାରେ ୭ ଜଣ ଏମ୍ବିବିଏସ୍ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟ ସରକାର ଅଧିକ ଡାକ୍ତର ଜିଲାକୁ ପଠାଇଲେ ସେମାନଙ୍କୁ ଖାଲି ପଡ଼ିଥିବା ପଦବୀରେ ନିଯୁକ୍ତି ଦିଆଯିବ। ଏ ନେଇ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି।

-ଡାକ୍ତର ତ୍ରିଲୋଚନ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅନୁଗୋଳ

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**କାମାକ୍ଷାନଗର, ୬।୬(ଡି.ଏନ୍.ଏ.)**

- ଯୌତୁକ ହତ୍ୟା ଅଭିଯୋଗ
- ଅଭିଯୁକ୍ତ ସ୍ୱାମୀ କୋର୍ଟଚାଲାଣ

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅନ୍ତର୍ଗତ ଗୋରଡ଼ିଆ ଗ୍ରାମର ଜଣେ ମହିଳାଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ବେଣୁଧର ସାହୁଙ୍କ ସ୍ତ୍ରୀ ସୀମା। ପାରିବାରିକ କଳହରୁ ସୀମା ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବାବେଳେ ଯୌତୁକ ପାଇଁ ଝିଅଙ୍କୁ ହତ୍ୟା କରାଯାଇଥିବା ମୃତ ମହିଳାଙ୍କ ବାପା ଅଭିଯୋଗ କରିଛନ୍ତି। ଏ ନେଇ ନଂ. ଥାନାରେ ୨୦୫/୨୧, ଦଫା ୪୯୮(ଏ), ୩୦୪ (ବି), ୩୦୨ ଓ ୩୪ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

ପୋଲିସ ଦେଇଥିବା ସୂଚନା ଅନୁଯାୟୀ, ଗୋରଡ଼ିଆ ଗ୍ରାମର ବେଣୁଧର ୨୦୧୬ରେ ରାଙ୍କିଆ ଗ୍ରାମର ଶ୍ରୀକାନ୍ତ ସାହୁଙ୍କ ଝିଅ ସୀମାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ କନ୍ୟାଘର ପକ୍ଷରୁ ଯଥାସମ୍ଭବ ଯୌତୁକ ପ୍ରଦାନ କରାଯାଇଥିଲା। ତେବେ ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବି କରି ସ୍ୱାମୀ, ଶାଶୁ, ନଣନ୍ଦ ତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ସୀମା ବାରମ୍ବାର ବାପଘରକୁ ସୂଚନା ଦେଇଥିଲେ। ଗତ ଶନିବାର ସନ୍ଧ୍ୟାରେ କୌଣସି କାରଣରୁ ସ୍ୱାମୀ-ସ୍ତ୍ରୀଙ୍କ ମଧରେ ଗଣ୍ଡଗୋଳ ହୋଇଥିଲା। ବେଣୁଧର ଏ ନେଇ ସ୍ତ୍ରୀ ସୀମାଙ୍କ ମା' ବା ଶାଶୁଙ୍କୁ ଫୋନ୍ରେ ଅବଗତ କରାଇଥିଲେ। ସ୍ୱାମୀଙ୍କ ଏପରି କାର୍ଯ୍ୟକୁ ନେଇ ସ୍ତ୍ରୀ ସୀମା ଉତ୍କ୍ଷିପ୍ତ ହୋଇଯାଇଥିଲେ। ସେ ଏକ ଘର ମଧରେ ପଶିଯାଇ କବାଟ କିଳିଦେଇଥିଲେ। ପରେ ସ୍ୱାମୀ ଓ ଶାଶୁଘର ଲୋକେ ଉକ୍ତ ଘରର କବାଟ ଭାଙ୍ଗି ଦେଖିବା ବେଳକୁ ସୀମା ନିଜ ପିନ୍ଧାଲୁଗାରେ ଫ୍ୟାନ୍ରେ ଝୁଲି ପଡ଼ିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ କାମାକ୍ଷାନଗର ଡାକ୍ତରଖାନାକୁ ନିଆଯାଇଥିଲା। ଶାଶୁଘର ଲୋକଙ୍କଠାରୁ ସୂଚନା ପାଇ ସୀମାଙ୍କ ବାପଘର ଲୋକେ ଆସି ଦେଖିବା ବେଳକୁ ମରଶରୀର ଡାକ୍ତରଖାନାରେ ପଡ଼ିଥିଲା। ଯୌତୁକ ପାଇଁ ଶାଶୁଘର ଲୋକେ ତାଙ୍କ ଝିଅଙ୍କୁ ହତ୍ୟା କରିଥିବା ସୀମାଙ୍କ ବାପା ଶ୍ରୀକାନ୍ତ ଥାନାରେ ଅଭିଯୋଗ କରିଛନ୍ତି। ଥାନାଧିକାରୀ ସୁନୀଲ କର ଘଟଣାସ୍ଥଳରେ ତଦନ୍ତ କରିବା ସହ ଅଭିଯୁକ୍ତ ସ୍ୱାମୀ ବେଣୁଧରଙ୍କୁ ଗିରଫ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

## ୧୦୬ କରୋନା ଆକ୍ରାନ୍ତ ଚିହ୍ନଟ

**ଢେଙ୍କାନାଳ ଅଫିସ, ୬।୬:** ଢେଙ୍କାନାଳ ଜିଲାରୁ ରବିବାର ୧୦୬ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୪୨ ଜଣ ସୁସ୍ଥ ହୋଇଛନ୍ତି। ସଂକ୍ରମିତଙ୍କ ମଧରେ ସଦର ବ୍ଲକର ୨୧, ହିନ୍ଦୋଳ ବ୍ଲକର ୧୭, ଢେଙ୍କାନାଳ ପୌରାଞ୍ଚଳର ୧୫, କାମାକ୍ଷାନଗର ବ୍ଲକର ୧୪ ଓ ଏନ୍ଏସିର ୨, ଭୁବନ ବ୍ଲକର ୨ ଓ ଏନ୍ଏସିର ୨, ଗଁଦିଆ ବ୍ଲକର ୧୪, ଓଡ଼ାପଡ଼ା ବ୍ଲକର ୮, ପରଜଙ୍ଗ ବ୍ଲକର ୬, କଙ୍କଡ଼ାହାଡ଼ ବ୍ଲକର ୪ ଜଣ ଅଛନ୍ତି। ଚିକିତ୍ସାଳୟରୁ ଜଣେ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଜିଲାରେ ଏବେ ୩,୦୩୬ ସକ୍ରିୟ ଆକ୍ରାନ୍ତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଶିକାରୀ ଗିରଫ, ବନ୍ଧୁକ ଜବତ

**ପରଜଙ୍ଗ, ୬।୬(ଡି.ଏନ୍.ଏ.)**

ବନ୍ୟପ୍ରାଣୀ ଶିକାର ଲାଗି ଯୋଜନା କରୁଥିବାବେଳେ ବନ ବିଭାଗ ହାତରେ ଧରାପଡ଼ିଛନ୍ତି ଢେଙ୍କାନାଳ ଜିଲା ମହାବିରୋଡ଼ ରେଞ୍ଜ୍ ଅନ୍ତର୍ଗତ ପଙ୍ଗାତୀରା ଝୁଲାଖୁଣ୍ଟିଆ ଗ୍ରାମର ବାଙ୍କନିଧି ସାହୁ। ତାଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି। ବାଙ୍କନିଧି ଏବଂ ତାଙ୍କର ଅନ୍ୟ କେତେଜଣ ସହଯୋଗୀ କେନ୍ଦୁମୁଣ୍ଡା ଗ୍ରାମ୍ୟ ଜଙ୍ଗଲରେ ରବିବାର ଭୋର୍ ସମୟରେ ଶିକାର ଲାଗି ଯୋଜନା କରୁଥିବା ସୂଚନା ପାଇ ରେଞ୍ଜର ହରମୋହନ ନାୟକ, ଫରେଷ୍ଟର ପ୍ରଫୁଲ୍ଲ ସେଠୀ ସଦଳବଳ ଚଢ଼ାଉ କରିଥିଲେ। ବନ କର୍ମଚାରୀ ବାଙ୍କନିଧିଙ୍କୁ ଧରିବାରେ ସକ୍ଷମ ହୋଇଥିବାବେଳେ ଅନ୍ୟମାନେ ଖସି ପଳାଇଥିଲେ। ଫେରାର ଶିକାରୀଙ୍କୁ ଖୁବ୍ଶୀଘ୍ର ଗିରଫ କରାଯିବ ବୋଲି ରେଞ୍ଜର କହିଛନ୍ତି।

## ପରିବେଶ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉଛି

**ତାଳଚେର/ କଣିହାଁ, ୬।୬(ନି.ପ୍ର.)**



ଏନ୍ଟିପିସି ମୁଖ୍ୟ ମହାପ୍ରବନ୍ଧକ ପତାକା ଉତ୍ତୋଳନ କରୁଛନ୍ତି।

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍ଟିପିସି ବିଦ୍ୟୁତ୍ ପ୍ରକଳ୍ପର ୩୩ତମ ପ୍ରତିଷ୍ଠା ଦିବସ କୋଭିଡ୍ ନିୟମ ମଧରେ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟ ମହାପ୍ରବନ୍ଧକ ସୁଦୀପ ନାଗ ପତକା ଉତ୍ତୋଳନ କରି ଉଦ୍ବୋଧନ ଦେଇଥିଲେ। କରୋନା ମହାମାରୀ ସମୟରେ ଓଆଣ୍ଡଏମ୍ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଅକ୍ଳାନ୍ତ ପରିଶ୍ରମ କରି ବିଦ୍ୟୁତ୍ ଉତ୍ପାଦନରେ ଉତ୍କର୍ଷ ପ୍ରଦର୍ଶନ କରିଛନ୍ତି। ଏଥିରେ ଅନ୍ୟ ବିଭାଗ କର୍ମଚାରୀଙ୍କ ଅବଦାନ ରହିଛି। ଡାକ୍ତର, ନର୍ସ, ପରାମେଡିକାଲ ଷ୍ଟାଫ୍, ଘରୋଇ ସିକ୍ୟୁରିଟି କର୍ମଚାରୀ, ଆଇସିଏଚ୍ ଠିକା ଶ୍ରମିକ ଏହି କଠିନ ସମୟରେ ସମ୍ମୁଖ ଯୋଦ୍ଧା ଭାବେ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସମସ୍ତଙ୍କୁ ମୁଖ୍ୟ ମହାପ୍ରବନ୍ଧକ କୃତଜ୍ଞତା ଜଣାଇଥିଲେ। ପରିବେଶକୁ ସୁରକ୍ଷିତ ରଖିବା ପାଇଁ ବିଦ୍ୟୁତ୍ ପ୍ରକଳ୍ପ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସିଏସ୍ଆର ଆନୁକୂଲ୍ୟରେ କମ୍ପାନୀ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେଉଥିବା ସୂଚନା ଦିଆଯାଇଥିଲା। କୋଭିଡ ପ୍ରୋଟୋକଲ ମଧରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ୟୁନିୟନ ପ୍ରତିନିଧି, ଅଧିକାରୀ, କର୍ମଚାରୀ, ସିଆଇଏସ୍ଏଫ୍ ଅଧିକାରୀମାନେ ଯୋଗ ଦେଇଥିଲେ।

## ୨୧ ୟୁନିଟ୍ ରକ୍ତ ସଂଗ୍ରହ

**ଅନୁଗୋଳ ଅଫିସ,୬।୬**

ଅନୁଗୋଳ ଜିଲା ବିଜେଡି ସଭାପତି ଦିନେଶ ପ୍ରଧାନଙ୍କ ନେତୃତ୍ୱରେ ଜିଲା ରକ୍ତ ଭଣ୍ଡାରଠାରେ ବିଜେଡି ଓ ଓଡ଼ିଶା ମୋ ପରିବାରର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ୍ ୨୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମୁଖ୍ୟଅତିଥି ଭାବେ ଏମ୍ପି ମହେଶ ସାହୁ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ପ୍ରଦୀପ ଦେବତା ଓ ଅନ୍ୟମାନେ ଉପସ୍ଥିତ ଥିଲେ। କରୋନା ମହାମାରୀ ସମୟରେ ବିଜେଡି ଜିଲା ସଭାପତି ଦିନେଶ ପ୍ରଧାନଙ୍କ ନେତୃତ୍ୱରେ ଦଳ ପକ୍ଷରୁ ମୋଟ୍ ୧୫୬୭ ୟୁନିଟ ରକ୍ତ ସଂଗ୍ରହ କରାଯାଇସାରିଲାଣି। ଏହି କାର୍ଯ୍ୟକ୍ରମକୁ ଯୁବ ନେତା ଗଣେଶ୍ୱର ସାହୁ, ଚିନ୍ମୟ ପ୍ରସାଦ ସାହୁ, କେଦାର ପ୍ରଧାନ, ଆଦିତ୍ୟ ପ୍ରସାଦ ମିଶ୍ର, ମୃତ୍ୟୁଞ୍ଜୟ ସାହୁ ପରିଚାଳନା କରିଥିଲେ।

## ଏମ୍ସିଏଲ୍ କରିବ ୨.୭ ଲକ୍ଷ ବୃକ୍ଷରୋପଣ

**ତାଳଚେର,୬।୬(ନି.ପ୍ର.)**

ତାଳଚେରସ୍ଥିତ ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ (ଏମ୍ସିଏଲ୍) ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପି.କେ. ସିହ୍ନା ପରିବେଶ ସୁରକ୍ଷା ଓ ସବୁଜ ବଳୟ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏମ୍ସିଏଲ୍ ଚଳିତ ଆର୍ଥିକ ବର୍ଷରେ ୧୫୦ ହେକ୍ଟର ଜମିରେ ୨.୭ ଲକ୍ଷ ବୃକ୍ଷରୋପଣ ପାଇଁ ଯୋଜନା ରଖିଛି। ଏହି ଅବସରରେ କମ୍ପାନୀ ମୁଖ୍ୟାଳୟ ଠାରେ ସିଏମ୍ଡି ପତାକା ଉତ୍ତୋଳନ କରିବା ସହ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଏଥିସହ ଏମ୍ସିଏଲ୍ ୧୩୯ ମିଲିୟନ ଟନ୍ (୯୪ ପ୍ରତିଶତ) କୋଇଲା ଉତ୍ପାଦନ କରିବା ସହିତ ୧୧୫ ମିଲିୟନ ଟନ (୭୯ ପ୍ରତିଶତ) ଶୁଖିଲା ଇନ୍ଧନ ଯୋଗାଇବାରେ ସଫଳତା ହାସଲ କରିଥିବାରୁ ଏମ୍ସିଏଲ୍ର ଅପରେଶନ ଦଳକୁ ପରିଚାଳନା ନିର୍ଦ୍ଦେଶକ ଅଭିନନ୍ଦନ ଜଣାଇଥିଲେ। ୧୯୯୨ ଠାରୁ ଅଦ୍ୟାବଧି ଏମ୍ସିଏଲ୍ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ୬୧.୫ ଲକ୍ଷ ବୃକ୍ଷରୋପଣ କରିଛି ଓ ଚଳିତ ବର୍ଷ ୨.୭ ଲକ୍ଷ ବୃକ୍ଷରୋପଣ କରିବାର ଯୋଜନା ରଖିଛି ବୋଲି ସେ ସୂଚନା ଦେଇଥିଲେ। କମ୍ପାନୀ କୋଇଲା ଖଣି ଓ ଡେସ୍ପାଚ କାର୍ଯ୍ୟରେ ନୂତନ ଟେକ୍ନୋଲୋଜିର ବ୍ୟବହାର କରିବାକୁ ଯାଉଛି। ସାଉଥବଲଣ୍ଡା ଓପନକାଷ୍ଟ ପ୍ରୋଜେକ୍ଟର ୬୩ ହେକ୍ଟର ଅଞ୍ଚଳରେ ୧୪.୫୭ ଏମ୍ଏମ୍କ୍ୟୁ ପରିମାଣର ଫ୍ଲାଏ ଆଶ୍ ଭର୍ତ୍ତି କରାଯାଇ ଏହାର ପୁନଃଉଦ୍ଧାର କରାଯାଇଛି। ଏଠାରେ ଏକ ଇକୋପାର୍କ ପ୍ରତିଷ୍ଠା କରାଯିବ। ଖଣି ଗୁଡିକରେ ବାୟୁ ଗୁଣବତ୍ତା ନିରୀକ୍ଷଣ ପାଇଁ ଏମ୍ସିଏଲ୍ ୧୧ଗୋଟି ଆମ୍ବିନେଟ ଏୟାର କ୍ୱାଲିଟି ମନିଟରିଂ ସିଷ୍ଟମ ପ୍ରତିଷ୍ଠା କରିଥିବା ପରିଚାଳନା ନିର୍ଦ୍ଦେଶକ ପ୍ରକାଶ କରିଥିଲେ।




ଏମ୍ସିଏଲ୍ ଅଧିକାରୀମାନେ ବୃକ୍ଷରୋପଣ କରୁଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Registration No.3367
Balaji Finance Ltd.
1941ଠାରୁ ଆପଣଙ୍କ ସେବାରେ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ BPL, ଇଟାଭାଟି, କୁକୁଡ଼ାପାଳନ ଏବଂ ସବୁ ଋଣ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ 40% ଛାଡ଼
(ଠକମାନଙ୍କ ପ୍ରତି ସାବଧାନ)
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8004740343

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279 7656825022
Retamunda, Bhatigaon, Baragarh

ଆଡଭାନ୍ସ ନେଉନ୍ତୁ, ଧୋକା ଦେଉନ୍ତୁ
ହିନ୍ଦୁସ୍ତାନ ଫାଇନାନ୍ସ
ଆଧାରକାର୍ଡ, ଗ୍ରୁପ୍, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର୍, ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% ଛାଡ଼ 50%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଯୋଗାଯୋଗ କରନ୍ତୁ
08765087341
09473641974
Sasane Nagar, Pune

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଜଣେ ମୃତ

**ଯୋଡ଼ା,୬।୬(ଡି.ଏନ୍.ଏ.):** କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ଲହଣ୍ଡା ଅଞ୍ଚଳର ଜଣେ ଯୁବକ ରବିବାର ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ବୁଡ଼ିଯାଇ ମୃତ୍ୟୁ ବରଣ କରିଛନ୍ତି। ମୃତକ ହେଲେ ପ୍ରତାପ ମୁଣ୍ଡା। ପୋଖରୀରେ ଗାଧୋଇବାବେଳେ ଗୋଡ ଖୋସିଯିବାରୁ ସେ ଗଭୀର ଜଳରେ ବୁଡି ଯାଇଥିଲେ। ସ୍ଥାନୀୟ କେତେକ ଛୋଟ ପିଲା ଏହି ଘଟଣା ଗାଁରେ କହିବା ପରେ ଗ୍ରାମର ଲୋକ ଯାଇ ତାଙ୍କୁ ଉଦ୍ଧାର କରିଥିଲେ ହେଁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।

### ଭାରସାମ୍ୟ ହରାଇ ଓଲଟିଲା କାର୍, ବୃଦ୍ଧା ମୃତ

**ସଜନାଗଡ଼, ୬।୬(ଡି.ଏନ.ଏ.):** ନୀଳଗିରି ବ୍ଲକ ଅନ୍ତର୍ଗତ ମିତ୍ରପୁର-ଅଯୋଧା ରାସ୍ତାରେ ଏକ କାର୍ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ରବିବାର ଉକ୍ତ ବୃଦ୍ଧା ଜାମବଣି ଛକ ନିକଟରେ ଆଗକୁ ଯିବା ପାଇଁ ଏକ କାର୍‌କୁ ଲିଫ୍ଟ ମାଗିଥିଲେ। ଗାଡ଼ି ଚାଳକ ତାଙ୍କୁ ନେଇ ଅଯୋଧା ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଗାଡ଼ିଟି ଓଲଟିପଡିଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଏକ ଗାଡ଼ି ଯୋଗେ ବୃଦ୍ଧା ଓ ଗାଡ଼ିଚାଳକ ସୁମନ୍ତ ମୁଖୀ (୩୬)ଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ବୃଦ୍ଧାଙ୍କୁ ମୃତ ଘୋଷଣା କରିଥିଲେ। ଗାଡ଼ି ଚାଳକ ସୁମନ୍ତ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ସୁମନ୍ତଙ୍କ ଘର ନୀଳଗିରି ଥାନା ଅଯୋଧା ଗ୍ରାମରେ। ମୃତ ବୃଦ୍ଧାଙ୍କ ପରିଚୟ ମିଳିନାହିଁ।

### ଦୁର୍ଘଟଣାରେ ୩ ମୃତ

**ଯୋଡା,୬।୬(ଡି.ଏନ୍.ଏ):** କେନ୍ଦୁଝର ଜିଲା ଯୋଡା ଓ ବାମେବାରୀ ଥାନା ଅଞ୍ଚଳରେ ଶନିବାର ଦୁଇଟି ସ୍ଥାନରେ ସଡକ ଦୁର୍ଘଟଣା ଘଟି ୩ଜଣଙ୍କର ମୃତ୍ୟୁ ଘଟିଛି। ବାମେବାରୀ-କାଳିମାଟି ରାସ୍ତାରେ ୫ବର୍ଷର ଶିଶୁ କ୍ରିଷ୍ଣା ସିଂ ରାସ୍ତା ପାରି ହେଉଥିବାବେଳେ ତାଙ୍କ ଉପରେ ଏକ ଟ୍ରକ୍ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ କ୍ରିଷ୍ଣା ସିଂ ଙ୍କର ଘର ବଳଦା ଅଞ୍ଚଳରେ। ସେହିପରି ଯୋଡ଼ା ଥାନା ଅନ୍ତର୍ଗତ କଣ୍ଡରା ପେଟ୍ରୋଲ ପମ୍ପ ନିକଟରେ ଥିବା ପେଟ୍ରୋଲ ପମ୍ପରୁ ବୁଦ୍ଧୁ ମୁଣ୍ଡା ଓ ଗୋପିନାଥ ପାତ୍ର ତାଙ୍କ ସ୍କୁଟିରେ ପେଟ୍ରୋଲ ପୁରାଇ ଯାଉଥିବା ବେଳେ ବିଲେଇପଦା ଆଡୁ ରିମୁଳି ଅଭିମୁଖେ ଯାଉଥିବା ଏକ ଟ୍ରକ୍ ଧକ୍କା ଦେବାରୁ ୨ଜଣଙ୍କର ମୃତ୍ୟୁ ଘଟିଥିଲା। ମୃତକ ବୁଦ୍ଧୁ ମୁଣ୍ଡା ବାସୁଦେବପୁର ଗ୍ରାମ ମୁଣ୍ଡା ସାହିର ଏବଂ ଗୋପିନାଥ ଧବାକୁଚୁଡା ଗ୍ରାମର ବୋଲି ଜଣାପଡିଛି। ପୋଲିସ ଏନେଇ ମାମଲା ରୁଜୁ କରିଛି।

### ବାତ୍ୟା ପ୍ରଭାବିତ ଗ୍ରାମରେ ବିଶୋଧନ

**ଲଙ୍ଗଳେଶ୍ୱର, ୬।୬(ଡି.ଏନ.ଏ.):** ବାତ୍ୟା 'ୟାସ୍' ପ୍ରଭାବରେ ବାଲିଆପାଳ ବ୍ଲକର ସମୁଦ୍ର ଉପକୂଳବର୍ତ୍ତୀ ଅନେକ ଗ୍ରାମରେ ସମୁଦ୍ରର ଲୁଣି ପାଣି ମାଡ଼ି ଆସିବା ଯୋଗୁ ବ୍ୟାପକ କ୍ଷତି ଘଟିଛି। ଲୁଣିପାଣି ଜମି ରହି ଗ୍ରାମରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏଥିପାଇଁ ବାତ୍ୟା ପ୍ରଭାବିତ ବାଲିଆପାଳ ବ୍ଲକର ଚୌମୁଖ, କଙ୍କଡ଼ାପାଳ ସମେତ ୧୩ଟି ଗ୍ରାମକୁ ପର୍ଯ୍ୟାୟକ୍ରମେ ବିଶୋଧନ କାର୍ଯ୍ୟକ୍ରମ ରବିବାରଠାରୁ ଆରମ୍ଭ କରାଯାଇଛି। ବାତ୍ୟା ପ୍ରଭାବିତ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶରୁ ଲୋକମାନଙ୍କୁ ସୁରକ୍ଷା ଦେବା ପାଇଁ ଭୂମି ଫାଉଣ୍ଡେଶନ୍ ଏବଂ ଲଙ୍ଗଳେଶ୍ୱର ପ୍ରେସ କ୍ଲବ ମିଳିତ ଆନୁକୂଲ୍ୟରେ ଗ୍ରାମଗୁଡ଼ିକୁ ବିଶୋଧନ କରାଯାଇଛି।

### ଆଦର୍ଶ ବିଦ୍ୟାଳୟ ଛାତ୍ରାବାସରୁ ବିଦ୍ୟୁତ୍ ସାମଗ୍ରୀ ଚୋରି

**ପାଟଣା,୬।୬(ସ୍ୱ.ପ୍ର.):** କେନ୍ଦୁଝର ଜିଲା ସାହରାପଡା ବ୍ଲକ ଗୋରାଣ୍ଡିଯୋଡି ମାଟିଆ ସାହିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନିର୍ମାଣାଧୀନ ଛାତ୍ରାବାସରୁ ଦେଢ଼ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୁଲ୍ୟର ବିଦ୍ୟୁତ ସରଞ୍ଜାମ ଚୋରି ହୋଇଥିବା ରବିବାର ସାହାରପଡା ଫାଣ୍ଡିରେ ଠିକାଦାର ବିଶ୍ୱରଞ୍ଜନ ମହାରଣା ଅଭିଯୋଗ କରିଛନ୍ତି। ଏନେଇ ପାଟଣା ପୋଲିସ ଏକ ମାମଲା (ନଂ.୬୪/୨୧) ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪୨ ଫ୍ୟାନ, ଏକ ଡିଜି, ଏକ ୱେଲଡିଙ୍ଗ ମେଶିନ ଆଦିକୁ ଜବତ କରିଛନ୍ତି। ଏନେଇ ଜଣକୁ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଛି।

# ୧୦ ମିନିଟ୍‌ରେ ବୁକିଂ ଶେଷ

**ଅନୁଗୋଳ ଅଫିସ, ୬।୬**

- ଆଜିଠୁ ଅନୁଗୋଳରେ ଯୁବବର୍ଗଙ୍କୁ ଟିକା
- ୪୫ରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ମଧ ଦିଆଯିବ
- ସ୍ଲଟ୍ ବୁକିଂ କରି ଆସିବାକୁ ପରାମର୍ଶ




ଅନୁଗୋଳ ଜିଲାର ୧୮ରୁ ୪୪ ବର୍ଷର ଯୁବବର୍ଗଙ୍କୁ ସୋମବାରଠାରୁ ଟିକାକରଣ କରାଯିବ। ଏ ନେଇ ରବିବାର ଅପରାହ୍ନରେ ସ୍ଲଟ୍ ବୁକିଂ ଶେଷ ହୋଇଛି। ଅନୁଗୋଳ ଷ୍ଟାଡିୟମରେ ସେମାନଙ୍କୁ ଟିକା ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କିଭଳି ଶୃଙ୍ଖଳିତ ଭାବେ ଏହି କାର୍ଯ୍ୟ କରାଯିବ ସେ ନେଇ ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯୁବବର୍ଗଙ୍କ ସହ ୪୫ରୁ ଉର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ମଧ ଟିକାଦାନ ବ୍ୟବସ୍ଥା କରାଯାଇଛି। ଜିଲାର ଅନ୍ୟ ସମସ୍ତ ସ୍ଥାନରେ ପୂର୍ବଭଳି ବୟସ୍କଙ୍କୁ ଟିକା ପ୍ରଦାନ ଜାରି ରହିବ।

ଅନୁଗୋଳ ଜିଲାରେ ଯୁବବର୍ଗଙ୍କୁ ଟିକା ଦିଆଯିବ ବୋଲି ଗତ ଶନିବାର ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଏଥିପାଇଁ ୫ ହଜାରରୁ ଉର୍ଦ୍ଧ୍ୱ ଟିକା ଜିଲାକୁ ଆସିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ରବିବାର ଅନ୍‌ଲାଇନ୍‌ରେ ଦୁଇଟି ପର୍ଯ୍ୟାୟରେ ସ୍ଲଟ୍ ବୁକିଂ ହୋଇଥିଲା। ଅପରାହ୍ନ ୫ଟା ୨୦ରେ ଅନ୍‌ଲାଇନ୍‌ରେ ବୁକିଂ ଆରମ୍ଭ ହୋଇଥିଲେ ମଧ ୫ଟା ୩୦ରେ ଶେଷ ହୋଇଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୯ ଶହ ଟିକା ପାଇଁ ଓ ଦ୍ୱିତୀୟ ପର୍ଯ୍ୟାୟରେ ୬ଶହ ଟିକା ପାଇଁ ସ୍ଲଟ ବୁକିଂ ହୋଇଛି। ସ୍ଲଟ୍ ବୁକିଂ କରିଥିବା ୯ଶହ ଯୁବବର୍ଗଙ୍କୁ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୧ଟା ମଧ୍ୟରେ ଟିକା ପ୍ରଦାନ କରାଯିବ। ସେହିପରି ଅପରାହ୍ନ ୩ଟାରୁ ୬ଟା ଭିତରେ ବୟସ୍କ ୬ ଶହ ଲୋକଙ୍କୁ ଟିକା ଦିଆଯିବ। ଏ ନେଇ ଅନୁଗୋଳ ଷ୍ଟାଡିୟମରେ ପ୍ରସ୍ତୁତି ଶେଷ ହୋଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ କରାଯିବ। ଟିକା ନେବାକୁ ଥିବା ବ୍ୟକ୍ତିମାନେ ଅନ୍‌ଲାଇନ୍‌ରେ ବୁକିଂ କରିବା ପରେ ଟିକା ପ୍ରଦାନ କରାଯିବ। ସେହିପରି ଷ୍ଟାଡିୟମକୁ ଛାଡ଼ି ଜିଲାର ଅନ୍ୟ ସମସ୍ତ ଟିକାଦାନ କେନ୍ଦ୍ରରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ଟିକାକରଣ କରାଯିବ ବୋଲି ମେଡିକାଲ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ପୌରାଞ୍ଚଳରେ ହେବ ଟିକାକରଣ

ଢେଙ୍କାନାଳ ଅଫିସ, ୬।୬–ଢେଙ୍କାନାଳ ପୌରାଞ୍ଚଳରେ ସୋମବାରଠାରୁ ୧୮ରୁ ୪୪ ବର୍ଗଙ୍କୁ ପ୍ରଥମ ଡୋଜ୍ ଟିକାକରଣ କରାଯିବ। ଏହା ୯ ତାରିଖ ଯାଏ ଚାଲିବ। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ଯାଏ ଟିକା ପ୍ରଦାନ କରାଯିବ। ଏଥିଲାଗି ମୁଖ୍ୟ ଚିକିତ୍ସାଳୟ ସମେତ କାଠଗଡ଼ା ଅର୍ବାନ ମେଡିକାଲ, ବିବି ହାଇସ୍କୁଲ, ଗୁଡିଆନାଳିସ୍ଥିତ କଲ୍ୟାଣ ମଣ୍ଡପ, ଷ୍ଟେଶନ ବଜାର ରାମଦେବ ରାମଜୀ ପ୍ରାଥମିକ ସ୍କୁଲ, ସୌଦାମିନୀ ହାଇସ୍କୁଲ, ବନମାଳୀପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୋରିଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସିମିଳିଆ ପ୍ରାଥମିକ ସ୍କୁଲ ଏବଂ ଗୋପବନ୍ଧୁ ଟାଉନ୍ ହଲ୍‌ରେ ଟିକାକରଣ ହେବ। କୋୱିନ୍ ପୋର୍ଟାଲରେ ପଞ୍ଜୀକୃତ ଆଶାୟୀ ନିର୍ଦ୍ଧାରିତ ସ୍ଥାନ, ସମୟ ଅନୁଯାୟୀ ପରିଚୟପତ୍ର ଏବଂ ଏସ୍‌ଏମ୍‌ଏସ୍ ଦେଖାଇ ଟିକା ନେଇପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ପ୍ରଶାସନର ଚଢ଼ାଉ, ଜରିମାନା ଆଦାୟ

**ଅନୁଗୋଳ ଅଫିସ, ୬।୬**

ଅନୁଗୋଳ ଜିଲାରେ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ସମୟରେ କେତେଜଣ ବ୍ୟବସାୟୀ ଲୁଚିଛପି ଦୋକାନ ଖୋଲିଥିଲେ। ବିଶେଷକରି ଆମିଷ ବଜାରରେ ବହୁ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବ୍ୟବସାୟୀମାନେ ଦୋକାନ ଶଟର ଟାଣି ବ୍ୟବସାୟ କରୁଥିବାବେଳେ ଆଉ କେତେଜଣ ଦୋକାନ ଆଗରେ କୁକୁଡ଼ା ଗାଡ଼ି ରଖି ବ୍ୟବସାୟ କରୁଥିଲେ। ଏ ନେଇ ପ୍ରଶାସନ ନିକଟରେ ଖବର ପହଞ୍ଚିବା ପରେ ଚଢ଼ାଉ ଜୋରଦାର କରାଯାଇ ଜରିମାନା ଆଦାୟ କରାଯାଇଥିଲା। ସେହିପରି ସହରର ବିଭିନ୍ନ ସ୍ଥାନରେ ଅଧା ଶଟର ଖୋଲାଯାଇ କେତୋଟି ରାଶନ ଦୋକାନରେ ବ୍ୟବସାୟ ଚାଲିଥିଲା। ଏସବୁକୁ ଠାବ କରି ପ୍ରଶାସନ ପକ୍ଷରୁ ଜରିମାନା ଆଦାୟ କରାଯାଇଛି। ଅନୁଗୋଳ ଉପଜିଲାପାଳଙ୍କ ଏନ୍‌ଫୋର୍ସମେଣ୍ଟ ଟିମ୍ ସହ ଅନୁଗୋଳ ତହସିଲଦାରଙ୍କ ଟିମ୍, ଆସିଷ୍ଟାଣ୍ଟ କଲେକ୍ଟର ଦୋଳଗୋବିନ୍ଦ ସାହୁ, ଏଏସ୍‌ଆଇ ଦିଲୀପ କୁମାର ସାହୁ ପ୍ରମୁଖଙ୍କ ସହ ଅନ୍ୟମାନେ ସାମିଲ ଥିଲେ। ଜିଲାରେ କରୋନା ସାଂଘାତିକ ସ୍ଥିତି ସୃଷ୍ଟି କରିଥିବାବେଳେ ଅମାନିଆମାନଙ୍କ ଲାଗି ସ୍ଥିତି ଆହୁରି ବିଗୁଡୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର


ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଅନୁଗୋଳ ଅଫିସ, ୬।୬**

ଦେଶର ସମସ୍ତ ନାଗରିକଙ୍କୁ ଦେୟମୁକ୍ତ ଟିକାକରଣ ସହ ଦୈନିକ ଏକ କୋଟି ଟିକାଦାନ ସୁନିଶ୍ଚିତ କରିବା ଦାବିରେ ଅନୁଗୋଳ ଜିଲା କଂଗ୍ରେସ କମିଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟି ନିଷ୍ପତ୍ତିକ୍ରମେ ଅନୁଗୋଳ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନାଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କେନ୍ଦ୍ର ସରକାର ଟିକା ପ୍ରତି ୧୫୦ ଟଙ୍କାରେ କିଣୁଥିବା ବେଳେ ରାଜ୍ୟ ସରକାର ତାହାକୁ ଡୋଜ୍ ପ୍ରତି ୩୦୦ ଓ ୬୦୦ ଟଙ୍କାରେ ଏବଂ ବେସରକାରୀ ଡାକ୍ତରଖାନା ୧୨୦୦ ଟଙ୍କାରେ କିଣିବା ଦୁର୍ଭାଗ୍ୟଜନକ। ତେଣୁ କେନ୍ଦ୍ର ସରକାର ଟିକା କିଣି ରାଜ୍ୟମାନଙ୍କୁ ଦେବା ସହ ସମସ୍ତଙ୍କୁ ଦେୟମୁକ୍ତ ଟିକା ପ୍ରଦାନ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ଜିଲା ମିଡିଆ ସେଲ ଅଧ୍ୟକ୍ଷ ଗୋପାଳ ନାଥ, ଜିଲା ଆଇନସେଲ ଅଧ୍ୟକ୍ଷ ଧର୍ମେନ୍ଦ୍ରନାଥ ମିଶ୍ର, ଅନୁଗୋଳ ବ୍ଲକ ସଭାପତି ଅମୂଲ୍ୟ ବେହେରା, ବଣ୍ଟଁରପାଳ ବ୍ଲକ ସଭାପତି ବିନୟ କୁମାର ମାଝି, ଆଲୋକ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଟାଟାଷ୍ଟିଲ ବିଏସ୍ଏଲ୍ ପାଳିଲା ପରିବେଶ ଦିବସ


ଚାରାରୋପଣ କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସମେତ କମ୍ପାନୀର କର୍ମକର୍ତ୍ତା।

**ଢେଙ୍କାନାଳ ଅଫିସ, ୬।୬**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ୍ ବିଏସ୍ଏଲ୍ ପକ୍ଷରୁ ଶନିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। କମ୍ପାନୀ ପକ୍ଷରୁ କୋଭିଡ୍ ନିୟମାବଳି ଅନୁପାଳନ ପୂର୍ବକ ବିଭିନ୍ନ ସ୍ଥାନରେ ଭର୍ଚୁଆଲ ମାଧ୍ୟମରେ ଅଧିକାରୀମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ ପରିବେଶ ଯନ୍ତ୍ରୀ ଇଂ ଏ.କେ ସ୍ୱର, ଡ. ନିହାର ରଞ୍ଜନ ସାହୁ, ଇଂ. ଆର.ଏନ୍. ପୃଷ୍ଟି, ଆଞ୍ଚଳିକ ଅଧିକାରୀ ଡ. ଅନୁପ ମଲ୍ଲିକ, କମ୍ପାନୀର କର୍ପୋରେଟ ସେବାମୁଖ୍ୟ ମଣିକାନ୍ତ ନାୟକ, ପରିବେଶବିତ୍ ସରୋଜ ବାନାର୍ଜୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ କମ୍ପାନୀ ପରିସରରେ ଥିବା ଖାଲି ଜାଗାରେ ୭୦୦ ଚାରାରୋପଣ କରାଯାଇଥିଲା। ସେହିପରି ଖଲିବେରେଣା ନିକଟରେ ଗ୍ରାମବାସୀଙ୍କ ସହଯୋଗରେ ୬୦ ଚାରା ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମ ଏକମାସ ଧରି ଚାଲିବ। ପରିବେଶ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବାକୁ ଜଣାଅଜଣା ପ୍ରତିଯୋଗିତା ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ମୁଖ୍ୟ ଚିକିତ୍ସାଳୟରେ ଅକ୍ସିଜେନ୍ ପ୍ଲାଣ୍ଟ

**ଅନୁଗୋଳ ଅଫିସ, ୬।୬**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆରମ୍ଭ ହୋଇଛି ଅକ୍ସିଜେନ୍ ପ୍ଲାଣ୍ଟ ନିର୍ମାଣ। ଏଠାରେ ଅମ୍ଳଜାନ ତିଆରି ହେବା ମାତ୍ରେ ତାହା ତୁରନ୍ତ ରୋଗୀଙ୍କ ନିକଟରେ ପହଞ୍ଚିବ। ଏ ନେଇ ରବିବାରଠାରୁ କାର୍ଯ୍ୟ ଆରମ୍ଭ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ୬ ମହଲା ପଛ ପାର୍ଶ୍ୱରେ ଥିବା ସେଣ୍ଟ୍ରାଲ ଷ୍ଟୋର ନିକଟରେ ଏହି ପ୍ଲାଣ୍ଟ କାର୍ଯ୍ୟ ଜାରି ରହିଛି। କାମ ଶେଷ ପରେ ପାଇପ୍ ଯୋଗେ ୬୦ ଜଣ ରୋଗୀଙ୍କୁ ସିଧାସଳଖ ଅକ୍ସିଜେନ୍ ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଦିଲ୍ଲୀରୁ ଆସିଥିବା ଇଞ୍ଜିନିୟରମାନେ ଏହି ନିର୍ମାଣ କାର୍ଯ୍ୟ କରୁଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ କୋଭିଡ୍ ୱାର୍ଡକୁ ଓ କ୍ଷମତା ବଢ଼ାଯିବା ପରେ ଅନ୍ୟ ୱାର୍ଡକୁ ଅକ୍ସିଜେନ୍ ଯୋଗାଣ ହେବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ୧୫୦ ଅକ୍ସିଜେନ ସିଲିଣ୍ଡର ପ୍ରଦାନ

**ତାଳଚେର,୬।୬(ନି.ପ୍ର.)**


ତାଳଚେର ବିଧାୟକଙ୍କ ପକ୍ଷରୁ ଜେସିଆଇ ଶାଖାକୁ ପ୍ରଦାନ କରାଯାଇଥିବା ସିଲିଣ୍ଡର।

ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ୧୫୦ ଅକ୍ସିଜେନ ସିଲିଣ୍ଡର ଜୁନିୟର ଚାମ୍ବର ଇଣ୍ଟରନ୍ୟାଶନାଲ (ଜେସିଆଇ) ତାଳଚେର ଶାଖାକୁ ପ୍ରଦାନ କରିଛନ୍ତି। ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ପ୍ରଧାନ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ତାଳଚେର ତହସିଲଦାର ମନ୍ମଥ ନାୟକ, ବିଡିଓ ଶିବଶଙ୍କର ମିଶ୍ର, ଏସ୍‌ଡିଏମଓ କର୍ନରାମ ମହାନ୍ତ, ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଫିସର ଡା. ସମ୍ବିତ ସତ୍ୟପ୍ରିୟ ଯୋଗଦାନ କରିଥିଲେ। ପ୍ରଦାନ କରାଯାଇଥିବା ୧୫୦ ସିଲିଣ୍ଡରକୁ ତାଳଚେରର ପ୍ରତ୍ୟେକ ଗାଁରେ ଥିବା ଗୁରୁତର କରୋନା ରୋଗୀଙ୍କ ପାଖରେ ପହଞ୍ଚାଇବା ପାଇଁ ଜେସିଆଇ ଲକ୍ଷ୍ୟ ରଖିଛି। ଫଳରେ ଅକ୍ସିଜେନ ଅଭାବଜନିତ ମୃତ୍ୟୁହାର କମିବା ସହିତ ଅଧିକ ମାତ୍ରାରେ ରୋଗୀ ସୁସ୍ଥ ହେବେ ବୋଲି ଏସ୍‌ଡିଏମ୍‌ଓ ପ୍ରକାଶ କରିଛନ୍ତି। ଏହି ଅବସରରେ ତାଳଚେର ଜେସିଆଇ ସଭାପତି ବାସୁଦେବ ସାହୁ ସମସ୍ତଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଜେସିଆଇ ଜୋନ୍ ଉପସଭାପତି ଆଶିଷ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାକେଶ ଗୁପ୍ତା, ସୁମିତ ଅଗ୍ରୱାଲ, ହିତେଶ ଅଗ୍ରୱାଲ, ତାଳଚେର ଶାଖାର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ରାସ୍ତାକଡ଼ରୁ ମୃତଦେହ ଜବତ

**ରାସୋଳ, ୬।୬(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ ରାସୋଳ ଥାନା ଅଧୀନ ପୁରୁଣା କଟକ-ସମ୍ବଲପୁର ରାସ୍ତାର ଈଶ୍ୱରାପାଳ ପାନ୍ଥନିବାସ ନିକଟରୁ ରବିବାର ସନ୍ଧ୍ୟାରେ ଜଣେ ବୃଦ୍ଧଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକଙ୍କ ଆନୁମାନିକ ବୟସ ୭୦ ବର୍ଷ ହେବ। ତାଙ୍କ ପରିଚୟ ମିଳିପାରିନାହିଁ। ଅତ୍ୟଧିକ ଗ୍ରୀଷ୍ମପ୍ରବାହ କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଛି।

## ବିଦ୍ୟୁତ୍ ସାମଗ୍ରୀ ଚୋରି ଉଦ୍ୟମ, ୨ ଗିରଫ

**ବଣ୍ଟଁରପାଳ, ୬।୬(ଡି.ଏନ.ଏ.)**

ବିଦ୍ୟୁତ୍ ସାମଗ୍ରୀ ଚୋରି ଉଦ୍ୟମ ଅଭିଯୋଗରେ ବଣ୍ଟଁରପାଳ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କଣ୍ଟାବଣିଆ ଥାନା ନରେନ୍ଦ୍ରପୁର ଗ୍ରାମର ଜିତେନ୍ଦ୍ର ସେଠୀ ଓ ସୁଶାନ୍ତ ଗଡ଼ନାୟକ। ବଣ୍ଟଁରପାଳ ଥାନା ତୁଳସୀପାଳ ଗ୍ରାମ ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟରୁ ଉଭୟେ ତାର ଚୋରି କରୁଥିବାବେଳେ ଗ୍ରାମବାସୀ ଜିତେନ୍ଦ୍ରଙ୍କୁ କାବୁ କରିଥିଲେ। ପରେ ପୋଲିସକୁ ଘଟଣା ନେଇ ସୂଚନା ଦେଇଥିଲେ। ଏହାପରେ ପୋଲିସ ତଦନ୍ତ କରି ସୁଶାନ୍ତଙ୍କୁ ଗିରଫ କରିଥିଲା। ଏ ନେଇ ଏକ ମାମଲା ରୁଜୁ ହୋଇଛି।

## ସୂଚନା ପରଖି, ସଚେତନ ରୁହ

**ଢେଙ୍କାନାଳ ଅଫିସ, ୬।୬**

କରୋନା ମହାମାରୀ ସମୟରେ ଟିକାକୁ ନେଇ ସୋସିଆଲ ମିଡିଆରେ ଅନେକ ମିଥ୍ୟା ଗୁଜବ ପ୍ରଚାର ହେଉଛି। ତ୍ରୁଟିପୂର୍ଣ୍ଣ ଖବର ଖୁବ୍ ଅଳ୍ପ ସମୟରେ ଲକ୍ଷାଧିକ ଜନତାଙ୍କୁ ଭ୍ରମରେ ପକାଉଛି। ଏହି ଧାରା ଏବେ ବଡ଼ ସମସ୍ୟାରେ ପରିଣତ ହୋଇଗଲାଣି। ଲୋକଙ୍କୁ ସତର୍କ କରାଇବା ଏବଂ ଠିକ୍ ସୂଚନା ପ୍ରଦାନ କରିବା ଗଣମାଧ୍ୟମର ଗୁରୁଦାୟିତ୍ୱ। ତେଣୁ ଖବର ପ୍ରସାରଣ ପୂର୍ବରୁ ଗଣମାଧ୍ୟମ ପ୍ରତିନିଧି ସୂଚନାକୁ ପରଖିବା ସହ ଯଥେଷ୍ଟ ସଚେତନତା ଅବଲମ୍ବନ କରିବା ଜରୁରୀ ବୋଲି ଢେଙ୍କାନାଳ ଆଇଆଇଏମ୍‌ସି ପରିସରରେ ଆୟୋଜିତ ଭର୍ଚୁଆଲ ତାଲିମ କର୍ମଶାଳାରେ ମତପ୍ରକାଶ ପାଇଛି। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ଆଲୋଚନାରେ ଯୋଗଦେଇ କହିଲେ, ଦେଶରେ ଟିକାକୁ ନେଇ ଅନେକ ସମୟରେ ଗୁଜବ ପ୍ରଚାରିତ ହେଉଛି। ଏଭଳି ଏକ କଷ୍ଟକର ସମୟରେ ଗଣମାଧ୍ୟମ ପ୍ରତିନିଧି ଅଧିକ ଦାୟିତ୍ୱବାନ୍ ହେବା ଜରୁରୀ। ଖବର ପ୍ରସାରଣ ପୂର୍ବରୁ ଗବେଷକ, ଗବେଷଣା ପ୍ରତିଷ୍ଠାନ ଏବଂ ବିଭିନ୍ନ ସଂସ୍ଥା ସହିତ ଯୋଗସୂତ୍ର ରକ୍ଷା କରିବା ଉଚିତ। ଫଳରେ ଖବରର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସେ କହିଥିଲେ। ଗୁଗଲ ନ୍ୟୁଜ୍ ଇଣ୍ଡିଆ ତାଲିମ ନେଟ୍‌ୱର୍କର ପ୍ରଶିକ୍ଷିକା ଅପର୍ଣ୍ଣା ଦିୱାଲ କହିଲେ, ଟିକାକୁ ନେଇ ଅନେକ ଭୁଲ୍ ସୂଚନା ପ୍ରସାରିତ ହେଉଛି। ଲୋକେ ଏହାକୁ ବେଶି ବିଶ୍ୱାସ କରୁଛନ୍ତି। ଅନେକ ସମୟରେ ବିଶିଷ୍ଟ ବ୍ୟକ୍ତିଙ୍କ ଫଟୋ କିମ୍ବା ଭିଡିଓ ବ୍ୟବହାର କରି ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରସ୍ତୁତ କରାଯାଉଛି। ଏହା କ୍ଷଣିକ ଭିତରେ ଚାରିଆଡ଼େ ବ୍ୟାପିଯାଉଛି, ଯାହା କରୋନା ମହାମାରୀ ସମୟରେ ଶୁଭଙ୍କରୀ ନୁହେଁ ବୋଲି ସେ କହିଥିଲେ। ଅନ୍ୟତମ ପ୍ରଶିକ୍ଷିକା ମିନତୀ କହିଲେ, ଯେତେବେଳେ କୌଣସି ଭୁଲ୍ ସୂଚନା ପ୍ରସାରିତ ହେଉଛି, ତାହାର ସତ୍ୟାସତ୍ୟ ଜାଣିବା ପାଇଁ ସମସ୍ତେ ଚେଷ୍ଟା କରିବା ଉଚିତ୍। ବିଶ୍ୱସନୀୟ ଖବର ପ୍ରସାରଣ ସଂସ୍ଥା ଓ ଗଣମାଧ୍ୟମ ସଂସ୍ଥା ଏଥିରେ ସହାୟକ ହୋଇପାରିବେ। ଡେଟା ଲିଡ୍ସ ସଂସ୍ଥାନର ପ୍ରକଳ୍ପ ସହଯୋଗୀ ସଂସ୍କୃତି ଗିରିଧର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଯୋଡ଼ି ହୋଇଥିଲେ।

**ଫଟୋରେ ଖବର**


ଢେଙ୍କାନାଳ ସହରସ୍ଥିତ ରେଳଲାଇନ ନିକଟସ୍ଥ କୁମ୍ଭାରସାହିର ତ୍ରିଲୋଚନ ନାୟକଙ୍କ ଘରୁ ବନ୍ୟକ ସଙ୍ଗଠନର ସଦସ୍ୟ ଶେଖ ଲାଲୁ ରବିବାର ଏକ ନାଗସାପ ଉଦ୍ଧାର କରିଛନ୍ତି।

## ଆସିଲା ବ୍ଲାକ ଡାଇମଣ୍ଡ ଆଭ୍ୟନ୍ତର ଡିଜାଇନ୍

**ଅନୁଗୋଳ ଅଫିସ, ୬।୬**

- ଅଡିଟୋରିୟମ୍ ସହ ପାଠାଗାର, ଆର୍ଟ ଗ୍ୟାଲେରି
- ୫ ମାସରେ ସରିବ ଅଟ୍ଟାଳିକା ନିର୍ମାଣ କାର୍ଯ୍ୟ



ପ୍ରଶାସନ ପକ୍ଷରୁ ଟୁଇଟରରେ ଛଡ଼ାଯାଇଥିବା ଫଟୋ।

ଅନୁଗୋଳ ସହର ହୁଲୁରୁସିଂହା ଛକ ନିକଟରେ ଅନ୍ତର୍ଜାତୀୟସ୍ତରର ପାଠାଗାର 'ବ୍ଲାକ ଡାଇମଣ୍ଡ' ନିର୍ମାଣ କାର୍ଯ୍ୟ ଚାଲିଛି। ଏବେ ଏହାର ଇଣ୍ଟେରିୟର ବା ଆଭ୍ୟନ୍ତର ଡିଜାଇନ୍ ଫଟୋ ଜିଲା ପ୍ରଶାସନ ପକ୍ଷରୁ ଟୁଇଟ୍‌ର ଆକାଉଣ୍ଟରେ ଛଡ଼ାଯାଇଛି। ଆସନ୍ତା ୫ମାସ ମଧ୍ୟରେ ଅଟ୍ଟାଳିକା ନିର୍ମାଣ କାର୍ଯ୍ୟ ସରିବା ପରେ ତୁରନ୍ତ ଇଣ୍ଟେରିୟର ଡିଜାଇନ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।

୨୦୨୦ ମସିହାରେ ଅନୁଗୋଳ ସହରରେ 'ବ୍ଲାକ ଡାଇମଣ୍ଡ' ନିର୍ମାଣ କରାଯିବ ବୋଲି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଏଠାରେ ଅନ୍ତର୍ଜାତୀୟସ୍ତରୀୟ ପାଠାଗାର ସହ ଅଡିଟୋରିୟମ, ଟ୍ରେନିଂ ସେଣ୍ଟର, ଜିଲା ସଂଗ୍ରହାଳୟ, ଆର୍ଟ ଗ୍ୟାଲେରି, ପାର୍କ ବ୍ୟବସ୍ଥା ଆଦି ରହିବ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଟୁଇଟ୍‌ର ଆକାଉଣ୍ଟରେ 'ବ୍ଲାକ ଡାଇମଣ୍ଡ' ଅଡିଟୋରିୟମ୍ ସହ ପାଠାଗାର, ଆର୍ଟ ଗ୍ୟାଲେରି ଚିତ୍ର ଛଡ଼ାଯାଇଛି। ଅଡିଟୋରିୟମରେ ୨୫୦ରୁ ଉର୍ଦ୍ଧ୍ୱ ଲୋକ ଏକା ସାଙ୍ଗରେ ବସିବା ବ୍ୟବସ୍ଥା କରାଯାଉଛି। ଲାଇବ୍ରେରିରେ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ମାଧ୍ୟମରେ ବିଭିନ୍ନ ଲେଖକଙ୍କ ପୁସ୍ତକ ଉପଲବ୍ଧ ରହିବ। ସେହିପରି ଜିଲା ସଂଗ୍ରହାଳୟରେ କ'ଣ ରଖାଯିବ, ସେ ନେଇ ବିଚାରବିମର୍ଷ ଜାରି ରହିଛି। ଏଥିସହ ଆର୍ଟ ଗ୍ୟାଲେରି, ବ୍ରେକ୍ ଆଉଟ୍ କନ୍‌ଫରେନ୍ସ ହଲ୍ ରହିବ। ନିର୍ମାଣ କାର୍ଯ୍ୟ ସରିବା ପରେ ଜିଲାବାସୀ ଏକ ଅତ୍ୟାଧୁନିକ ପାଠାଗାର ସହ ସଂଗ୍ରହାଳୟ ପାଇବେ। ଏଥିରେ ପାଠ୍ୟକ୍ରମ ସମ୍ବନ୍ଧିତ ବିଭିନ୍ନ ସରଞ୍ଜାମ ସହ ଡିଜିଟାଲ ବ୍ୟବସ୍ଥା ରହିବ। ସେହିପରି ଦେଶବିଦେଶର ବିଶିଷ୍ଟ ଲେଖକଙ୍କ ପୁସ୍ତକ ଏଠାରେ ପଢ଼ିବାର ସୁଯୋଗ ସମସ୍ତଙ୍କ ପାଇଁ ରହିବ। ଶିକ୍ଷା ଓ ଗବେଷଣା ଦିଗରେ ଏହା ରାଜ୍ୟ ପାଇଁ ଏକ ମାଇଲଖୁଣ୍ଟ ହେବ ବୋଲି କୁହାଯାଉଛି। ଏହି ଅଟ୍ଟାଳିକାର ନିର୍ମାଣ କାର୍ଯ୍ୟ ଜାରି ରହିଛି। ତେବେ ଟେକ୍ନିସିଆନ ଟିମ୍ ଆସିବା ପରେ ସମସ୍ତ ନିଷ୍ପତ୍ତି ନିଆଯିବ ବୋଲି ଜିଲାପାଳ ସ୍ୱାଇଁ ପ୍ରକାଶ କରିଛନ୍ତି।

